5/29/2020 IMG_20200516_213105.jpg : Free Download, Borrow, and Streaming : Internet Archive

# ଅନାହାରରେ ଲୋଧା ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

## ପ୍ରଶାସନ ନିକଟରେ ନାହିଁ ଖବର

**ବାରିପଦା,୯।୫ :** ଚାଲିଛି କରୋନା ମହାମାରୀର ମୁକାବିଲା ନିମନ୍ତେ ମହାସଂଗ୍ରାମ। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାରେ ୩:୦ ପର୍ଯ୍ୟାୟ ଲକ୍ ଡ଼ାଉନ ଜାରି ରହିଛି । ଏହି ସମୟରେ ଅନାହାରରେ କୌଣସି ବ୍ୟକ୍ତିର ମୃତ୍ୟୁ ନ ହେଉ ସେଥି ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟାପକ ପଦକ୍ଷେପ ଗ୍ରହଣ କରିବା ସହିତ ନିଃସ୍ୱ, ଗରିବ, ଅସହାୟ, ଭିକ୍ଷୁକ, ନିରାଶ୍ରୟ, ଭିନ୍ନକ୍ଷମ, ବୃଦ୍ଧ ଓ ବୃଦ୍ଧା ଆଦିଙ୍କୁ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରାଇବା ନିମନ୍ତେ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ବ୍ଲକ ଅଧୀନ ଭାଗବତଚନ୍ଦ୍ରପୁର ପଞ୍ଚାୟତର ଧାନଶୋଳ ଗ୍ରାମରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟ(ଲୋଧା)ର ପ୍ରାୟ ୭୫ ବର୍ଷୀୟା ବୃଦ୍ଧାଙ୍କର ମୃତ୍ୟୁ ହୋଇଥିବାର ଅଭିଯୋଗ ସାମନାକୁ ଆସିଛି ।

ଏହି ଅଭିଯୋଗ ଆଣିଛନ୍ତି ବିସିପୁର ପଞ୍ଚାୟତ ସମିତି ସଦସ୍ୟା ଲାବଣ୍ୟବତୀ ମହାନ୍ତ । ଶ୍ରମତୀମହାନ୍ତଙ୍କ ଅଭିଯୋଗ ଆଧାରରେ ଧାନଶୋଳ ଗ୍ରାମର ଧୁନ୍ଦି ମଳିକଙ୍କର ଖାଦ୍ୟ ଅଭାବରେ ମୃତ୍ୟୁ ହୋଇଛି । ତାଙ୍କୁ ଦୁଇ ମୁଠା ରାନ୍ଧି ଖାଇବାକୁ ଦେବା ନିମନ୍ତେ କେହି ନାହାନ୍ତି । ନିଃସ୍ୱ, ଗରିବ, ଅସହାୟ, ଭିକ୍ଷୁକ, ନିରାଶ୍ରୟ, ଭିନ୍ନକ୍ଷମ, ବୃଦ୍ଧ ଓ ବୃଦ୍ଧା ଆଦିଙ୍କୁ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରାଇବା ନିମନ୍ତେ ରନ୍ଧା ଖାଦ୍ୟ ଯୋଗାଇ ଦେବା ନିମନ୍ତେ ପ୍ରସ୍ତୁତ ହୋଇଥିବା ତାଲିକାରେ ମୃତ ଧୁନ୍ଦି ମଳିକଙ୍କର ନାମ ଥିଲା । କେବଳ ଧୁନ୍ଦି ନୁହନ୍ତି ଏହି ପରି ପ୍ରାୟ ୨ ଶହରୁ ଅଧିକ ଯୋଗ୍ୟ ହିତାଧିକାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ବାରିପଦା ବ୍ଲକ ପକ୍ଷରୁ ଏହାକୁ କାଟଛାଟ କରାଯାଇଛି । ଫଳରେ ରନ୍ଧା ଖାଦ୍ୟ ପାଇବାରୁ ଅନେକ ବାଦ ପଡ଼ିଯାଇଛନ୍ତି । ଏହାକୁ ନେଇ ପିଡ଼ି ଡ଼ିଆରଡ଼ିଏଙ୍କ ଦୃଷ୍ଟି ଆକର୍ଷଣ କରାଇବା ପରେ ବର୍ତ୍ତମାନ୪୦ରୁ ବୃଦ୍ଧି ପାଇ ୫୫ ଜଣଙ୍କୁ ରନ୍ଧା ଖାଦ୍ୟ ମିଳୁଛି । ବାରିପଦା ବ୍ଲକରେ ବିଡ଼ିଓ ଲକ୍ ଡ଼ାଉନ ପୂର୍ବରୁ କରୋନା ମୁକାବିଲା ନିମନ୍ତେ କେବଳ ଥରୋଟିଏ ବୈଠକ ଡ଼କାଇ କିପରି ସତର୍କ ରହିବେ ସେ ସମ୍ପର୍କରେ ଆଲୋଚନା କରିବା ବ୍ୟତୀତ ଅନ୍ୟ କୌଣସି ବୈଠକ ଡ଼କାଇ ନାହାନ୍ତି । ଯଦି ଧୁନ୍ଦି ମଳିକଙ୍କ ମୃତ୍ୟୁ ନିମନ୍ତେ ପ୍ରଶାସନକୁ ଉତ୍ତରଦାୟୀ କରାଇଥିବା ସହ ସଠିକ୍ ଭାବେ ରନ୍ଧା ଖାଦ୍ୟ ଯୋଗାଣ ବ୍ୟବସ୍ଥାକୁ ପରିଚାଳନା କରାଯାଇଥିଲେ ଆଜି ହୁଏତ ଧୁନ୍ଦିଙ୍କ ମୃତ୍ୟୁର ଖବର ସାମନାକୁ ଆସିନଥାନ୍ତା ବୋଲି କହିଥିଲେ ।



ସେହିପରି ଦଳିତ ଆଦିବାସୀ ମହାସଂଘର ସଭାପତି ରାକେଶ ସିଂ କହିବା ଅନୁସାରେ ଆଜି ସକାଳ ସମୟରେ ଖବର ପାଇ ଅନାହାର ମୃତ୍ୟୁ ଅଭିଯୋଗ ଖବରର ସତ୍ୟତା ଜାଣିବା ନିମନ୍ତେ ଧାନଶୋଳ ଗ୍ରାମରେ ପହଁଞ୍ଚି ସ୍ଥାନୀୟ ଜନସାଧାରଣ ଓ ଧୁନ୍ଦି ମଳିକଙ୍କ ପାଖ ପଡ଼ୋଶୀମାନଙ୍କୁ ପଚାରି ବୁଝିଥିଲେ । ବାରିପଦା ବ୍ଲକ ବିଡ଼ିଓ ସରୋଜ କୁମାର ଦାଶ କରୋନା ପରିଚାଳନା କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ରନ୍ଧାଖାଦ୍ୟ ପାଇବା ନିମନ୍ତେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମିଳୁ ନାହିଁ । ଏହା ପୂର୍ବରୁ ବିସିପୁର ପଞ୍ଚାୟତର ପଡ଼ୋଶୀ ପଞ୍ଚାୟତରେ ରନ୍ଧା ଖାଦ୍ୟ ବଣ୍ଟନ ଉପରେ ଅଭିଯୋଗ ଆଣିଥିଲେ । ୨ ଶହରୁ ଅଧିକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୭୫ ଜଣଙ୍କୁ ଦେବା ନିମନ୍ତେ ବିଡ଼ିଓ ନିର୍ଦ୍ଦେଶ ଦେଲେ । ଫଳରେ ଭୋକିଲା ଲୋକମାନଙ୍କର କଷ୍ଟକୁ ସହ୍ୟ କରି ନ ପାରି ସ୍ଥାନୀୟ ୮ଟି ଏସଏସଜି ଗ୍ରୁପ ପକ୍ଷରୁ ନିଜସ୍ୱ ଖର୍ଚ୍ଚରେ ଦୈନିକ ୧୨୫ ଜଣଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିଆସୁଛନ୍ତି । ଏହି ଖବର ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ମାତ୍ର ପ୍ରଶାସନ ଏହା ଉପରେ ବିହିତ ପଦକ୍ଷେପ ନେବା ବଦଳରେ ନିରବଦ୍ରଷ୍ଟା ସାଜିଲେ । ବାରିପଦା ବ୍ଲକ ବିଡ଼ିଓଙ୍କର ବ୍ଲକ ପରିଚାଳନାର ଦକ୍ଷତା ଅଭାବ ଥିବାର ଜାଣି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ତାଙ୍କର ବଦଳି ଆଦେଶ ଜାରି କରିଥିଲେ ଏବଂ ସେଣ୍ଟ୍ରାଲଲି ମେ ୫ରେ ରିଲିଭ ହୋଇ ୮ରେ ବିଶ୍ରାରେ ଜଏନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବିଡ଼ିଓ ଏହାକୁ ପାଳନ କରିନାହାନ୍ତି । ଏହି ପ୍ରକାରର ବିଡ଼ିଓଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ ପଛରେ କେଉଁ କାରଣ ଥାଇ ପାରେ ବୋଲି ପ୍ରଶ୍ନ କରିଛନ୍ତି। ଏଥି ସହିତ ମୟୂରଭ ଜିଲ୍ଲା ପ୍ରଶାସନ ରନ୍ଧାଖାଦ୍ୟ ବଣ୍ଟନ ବ୍ୟବସ୍ଥାକୁ ଅଧିକ ତ୍ୱାରାନ୍ୱିତ କରାଇ ସମସ୍ତ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଇବା ନିମନ୍ତେ ଦାବି କରିଛନ୍ତି। ଏହି ଅନାହାର ମୃତ୍ୟୁ ଅଭିଯୋଗ ଉପରେ ବାରିପଦା ବ୍ଲକ ବିଡ଼ିଓ ସରୋଜ କୁମାର ଦାଶଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ମୋବାଇଲ ନମ୍ବର ୯୪୩୭୦୩୪୧୮୪ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ । ସେହିପରି ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ବାରିପଦା ଉପଜିଲ୍ଲାପାଳ ଦାୟିତ୍ୱରେ ଥିବା ବାରିପଦା ପିଏ ଆଇଟିଡ଼ିଏ ମଧ୍ୟ ଫୋନ ଉଠାଇ ନ ଥିବା ସମୟରେ ଅତିରିକ୍ତ ଜିଲ୍ଲାପାଳ ବିବେକାନନ୍ଦ ସାହୁ କଣ ହୋଇଛି ଦେଖିବା ଓ ବୁଝିବା ବୋଲି କହିଥିଲେ ଏବଂ ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାର ଅଭିଯୋଗ ଉପରେ ତଦନ୍ତ କରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ୭୦ ବର୍ଷୀୟା ବୃଦ୍ଧା ତଥା ଦୃଷ୍ଟିହୀନା ମସ୍ତିଷ୍କ ବିକୃତ ଭକ୍ତା ରନ୍ଧା ଖାଦ୍ୟ ପାଉ ନାହାନ୍ତି ଅଥବା ଭତ୍ତା ପାଉନ ଥିବାର ଅଭିଯୋଗ କରିବା ସହ ମୋତେ ଭତ୍ତା କରାଇ ଦିଅ ଓ ରନ୍ଧା ଖାଦ୍ୟ ଯୋଗାଇ ଦେବା ନିମନ୍ତେ ପ୍ରଶାସନକୁ ନିବେଦନ କରିଛନ୍ତି।

https://archive.org/details/IMG-20200516-213105-jpg-ilcx

# IMG_20200516_213105.jpg

| | |
|---|---|
| Usage | Attribution 4.0 International |
| Language | English |
| Addeddate | 2020-05-16 16:04:01 |
| Identifier | IMG-20200516-213105-jpg-ilcx |

# Reviews

Add Review

There are no reviews yet. Be the first one to write a review.

24 Views

**DOWNLOAD OPTIONS**

| | |
|---|---|
| ITEM TILE | 1 file |
| JPEG | 1 file |
| TORRENT | 1 file |

SHOW ALL

7 Files

6 Original

**IN COLLECTIONS**

Community Data

Uploaded by

thejeshgn
on May 16, 2020

SIMILAR ITEMS (based on metadata) ▶



IMG 20200516 151322

18 0 0



IMG 20200516 WA 0000

2 0 0



IMG_5568.jpg

by chaoticeunoia

1 0 0



IMG_5791.jpg

by chaoticeunoia

1 0 0




IMG_5441.jpg

by chaoticeunoia

2 0 0




IMG_20141221_105022.jpg

by office of film and literature classification

0 0 0

Terms of Service (last updated 12/31/2014)